# NATIONAL NEWS BULLETIN (ODIA)

## 22 July - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଅପରେସନ୍ ସିନ୍ଦୂର ଏବଂ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଆଜି ଉଭୟ ସଦନ ଦିନକ ପାଇଁ ମୁଲତବୀ ଘୋଷିତ ।
- ଆସନ୍ତାକାଲି ଠାରୁ ବ୍ରିଟେନ୍ ଓ ମାଳଦୀପକୁ ୪ ଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ନାମାଙ୍କନପତ୍ର ଦାଖଲର ସମୟସୀମା ଆସନ୍ତା ମାସ ୧୫ ତାରିଖକୁ ବୃଦ୍ଧି ।
- ଆପାଚି ହେଲିକପ୍ଟର ଭାରତୀୟ ବାୟୁସେନାର କ୍ଷମତାକୁ ସୁଦୃଢ଼ କରିଛି, କହିଲେ ପ୍ରତୀରକ୍ଷା ମନ୍ତ୍ରୀ ।

ଏବଂ

- ଭାରତ-ଇଂଲଣ୍ଡ ମଧ୍ୟରେ ମହିଳା ତୃତୀୟ ତଥା ଅନ୍ତିମ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଜାରି ।

# ପାର୍ଲାମେଣ୍ଟ ଆଡଜର୍ଣ୍ଣ

ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଆଜି ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ଦିନକ ପାଇଁ ମୁଲତବୀ ରଖାଯାଇଛି । ବିରୋଧୀ ଦଳର ସଦସ୍ୟମାନେ ଅପରେସନ୍ ସିନ୍ଦୂର ଏବଂ ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ଦାବି କରି ଗୃହ କାର୍ଯ୍ୟରେ ବାଧାସୃଷ୍ଟି କରିଥିଲେ । ଦ୍ୱିତୀୟ ମୁଲତବୀ ପରେ ଦିନ ୨ଟାରେ  ଲୋକସଭା ପୁନର୍ବାର ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ସଦସ୍ୟମାନେ ପୁଣି ସେମାନଙ୍କର ଦାବି ନେଇ ସ୍ଲୋଗାନ୍ ଦେଇଥିଲେ ।

ଗୃହର ଅଧ୍ୟକ୍ଷ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଯିବା ପାଇଁ ଅନୁରୋଧ କରିଥିଲେ ଏବଂ ବିରୋଧୀ ସଦସ୍ୟଙ୍କ ସମସ୍ତ ପ୍ରଶ୍ନ ଉପରେ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ବିରୋଧୀ ସଦସ୍ୟମାନଙ୍କ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାରୁ ତାହାକୁ ନିନ୍ଦା କରିଛନ୍ତି । ସେ କହିଛନ୍ତି, ଗତକାଲି କାର୍ଯ୍ୟ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇ ଅପରେସନ୍ ସିନ୍ଦୂର ସମ୍ପର୍କରେ ଆଲୋଚନା କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା । ସରକାର ସମସ୍ତ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି, କିନ୍ତୁ ସେମାନେ ଗୃହରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ବୋଲି ଶ୍ରୀ ରିଜିଜୁ ପ୍ରଶ୍ନ କରିଛନ୍ତି **।V/O**

ରାଜ୍ୟସଭାରେ ମଧ୍ୟ ଅନୁରୂପ ଭାବେ ବିରୋଧୀ ଦଳର ସଦସ୍ୟମାନେ ଅପରେସନ ସିନ୍ଦୂର ଏବଂ ବିହାର ପ୍ରସଙ୍ଗ ନେଇ ଦାବି ଉପସ୍ଥାପନ କରି ହୋହାଲ୍ଲା କରିବା ଯୋଗୁଁ ଗୃହକୁ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି ।

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିଟେନ୍ ଏବଂ ମାଳଦୀପକୁ ଆସନ୍ତାକାଲିଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଦୁଇ ରାଷ୍ଟ୍ରୀୟ ଗସ୍ତରେ ଯିବେ । ପ୍ରଥମ ପର୍ଯ୍ୟାୟରେ ଶ୍ରୀ ମୋଦୀ ବ୍ରିଟେନ୍ ଯିବେ । ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍‌ମର୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଗସ୍ତ କରୁଛନ୍ତି । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ବ୍ରିଟେନ୍ ପ୍ରତିପକ୍ଷଙ୍କ ସହ ଭାରତ-ବ୍ରିଟେନ୍ ଦ୍ୱିପାକ୍ଷିକ ସମ୍ପର୍କକୁ ବ୍ୟାପକ କରିବା ନେଇ ଆଲୋଚନା କରିବାର ସମ୍ଭାବନା ରହିଛି । ଉଭୟ ନେତା ଆଞ୍ଚଳିକ ଏବଂ ବିଶ୍ୱ ସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ସେମାନଙ୍କର ମତ ବିନିମୟ କରିବେ । ଶ୍ରୀ ମୋଦୀ କିଙ୍ଗ ଚାର୍ଲସ୍ ତୃତୀୟଙ୍କ ସହ ମଧ୍ୟ ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି । ଉଭୟ ନେତା ବାଣିଜ୍ୟ, ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା, ନବସୃଜନ, ପ୍ରତିରକ୍ଷା, ନିରାପତ୍ତା, ପରିବେଶ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜନସମ୍ପର୍କ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ବ୍ୟାପକ ରଣନୈତିକ ଭାଗିଦାରିତାର ଉନ୍ନତି ଦିଗରେ

ଆଲୋଚନା କରିବେ । ଏହା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ରିଟେନ୍‌କୁ ଚତୁର୍ଥ ଗସ୍ତ ।

ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦେଶର ବ୍ୟବସାୟିକ ନେତାମାନଙ୍କ ସହ ମତବିନିମୟ କରିବେ । ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ ଭାରତ-ବ୍ରିଟେନ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ମିଶ୍ରି କହିଛନ୍ତି । ୨୦୨୧ ମସିହାରେ ଭାରତ-ବ୍ରିଟେନ୍ ଭାଗିଦାରିତା ସମ୍ପର୍କକୁ ବ୍ୟାପକ ରଣନୈତିକ ଭାଗିଦାରିତା କ୍ଷେତ୍ରକୁ ଉନ୍ନିତ କରାଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି । ଶ୍ରୀ ମିଶ୍ର କହିଛନ୍ତି, ଗୁରୁଗ୍ରାମ ଠାରେ ନିକଟରେ ସାଉଥ୍‌ଆମ୍ପଟନ୍ ବିଶ୍ୱବିଦ୍ୟାଳୟର ଏକ କ୍ୟାମ୍ପସ୍ ଖୋଲା ଯାଇଛି । ନୂତନ ଶିକ୍ଷାନୀତି ଆଧାରରେ ଭାରତର କ୍ୟାମ୍ପସ୍‌ରେ ଏହା ହେଉଛି ପ୍ରଥମ ବୈଦେଶିକ ବିଶ୍ୱବିଦ୍ୟାଳୟ । ସେ କହିଛନ୍ତି, ୨୦୨୩-୨୪ ମସିହାରେ ଭାରତ-ବ୍ରିଟେନ୍ ବାଣିଜ୍ୟ କାରବାର ୫୫ ବିଲିୟନ୍ ଡଲାର୍ ଅତିକ୍ରମ କରିଛି । ବ୍ରିଟେନ୍ ହେଉଛି, ଭାରତରେ ପୁଞ୍ଜିବିନିଯୋଗ କ୍ଷେତ୍ରରେ ଷଷ୍ଠ ସର୍ବବୃହତ ନିବେଶକ ।

ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ୨୫ ତାରିଖରୁ ଦୁଇ ଦିନିଆ ମାଳଦୀପ୍‌କୁ ଗସ୍ତ କରିବେ । ମାଳଦୀପ୍ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁଙ୍କ ନିମନ୍ତ୍ରଣ କ୍ରମେ ସେ ଏହି ଗସ୍ତ କରୁଛନ୍ତି । ମାଳଦୀପର ୬୦ତମ

ସ୍ୱାଧୀନତା ଦିବସ ଉତ୍ସବରେ ଶ୍ରୀ ମୋଦୀ ସମ୍ମାନିତ ଅତିଥି ଭାବେ ଯୋଗଦେବେ । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ମାଳଦୀପର ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଭାରତ-ମାଳଦୀପ ମିଳିତ ଭିଜନ 'ବ୍ୟାପକ ଅର୍ଥନୀତି ଏବଂ ସାମୁଦ୍ରିକ ସୁରକ୍ଷା ଭାଗିଦାରିତା' କାର୍ଯ୍ୟକାରିତାର ବିକାଶ ଉପରେ ଉଭୟ ନେତା ଅନୁଧ୍ୟାନ କରିବେ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ନିବିଡ଼ ଏବଂ ସଦୃଢ଼ କରିବା ଦିଗରେ ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଇଛି । ଏହା ହେଉଛି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ମାଳଦୀପକୁ ତୃତୀୟ ଗସ୍ତ । ଶ୍ରୀ ମୋଦୀ ସେଠାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ବୋଲି ଶ୍ରୀ ମିଶ୍ରି ସୂଚନା ଦେଇଛନ୍ତି ।

## ପିଏମ୍-ବାଲ୍ ପୁରସ୍କାର

ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଁ ନାମାଙ୍କପତ୍ର ଦାଖଲର ଶେଷ ତାରିଖ ଆସନ୍ତା ମାସ ୧୫ ତାରିଖକୁ ବୃଦ୍ଧି କରାଯାଇଛି । ଜାତୀୟ ପୁରସ୍କାର ପୋର୍ଟାଲ୍ ମାଧ୍ୟମରେ ଆବେଦନ ପ୍ରକ୍ରିୟା ଗତ ଏପ୍ରିଲ୍ ପହିଲାରୁ

ଆରମ୍ଭ ହୋଇଛି । ସାହସିକତା, ସମାଜସେବା, ପରିବେଶ, କ୍ରୀଡ଼ା, କଳା ଓ ସଂସ୍କୃତି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଆଦି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ୫ବର୍ଷରୁ ୧୮ ବର୍ଷ ବର୍ଗର ପିଲାଙ୍କୁ ଏହି ପୁରସ୍କାର ପ୍ରଦାନର ବ୍ୟବସ୍ଥା ରହିଛି ।

## ରାଜନାଥ-ଆପାଚି ହେଲିକପ୍ଟର

ପ୍ରତୀରକ୍ଷା ମନ୍ତ୍ରୀ ରାଜନାଥ ସିଂହ  କହିଛନ୍ତି, ଭାରତୀୟ ବାୟୁ ସେନାରେ ପ୍ରଥମ ବ୍ୟାଚ୍ ଆପାଚି ହେଲିକପ୍ଟର ସାମିଲ କରାଯିବା ଭାରତର ପ୍ରତିରକ୍ଷା କ୍ଷମତା ସୁଦୃଢ଼ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ । ଏହି ଅତ୍ୟାଧୁନିକ ହେଲିକପ୍ଟର ବାୟୁସେନା ଓ୍ୱିଙ୍ଗ୍ ଅପରେସନ୍ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ସହ ସମସ୍ତ ଆହ୍ୱାନର ଭୂଭାଗ ସମ୍ମୁଖୀନ ହେଉଥିବା ସମସ୍ତ ଆହ୍ୱାନର ମୁକାବିଲା କରିବ । ଭାରତୀୟ ସେନାକୁ ଅଧୁନିକୀକରଣ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରମାଣିତ କରିଛି, ଯାହାକି ଏକ ଗର୍ବର ବିଷୟ ବୋଲି ଶ୍ରୀ ସିଂହ କହିଛନ୍ତି ।

ସୂଚନା ଯୋଗ୍ୟ ଭାରତୀୟ ବାୟୁସେନାରେ ସାମିଲ ହେବା ପାଇଁ ଆଜି ଆମେରିକାରୁ ପ୍ରଥମ ବ୍ୟାଚ୍ ଆପାଚି ହେଲିକପ୍ଟର ଅଣାଯାଇଛି। ଏହି ଅତ୍ୟାଧୁନିକ ହେଲିକପ୍ଟର ଗୁଡ଼ିକର ଉନ୍ନତ ଯୁଦ୍ଧକ୍ଷମତା  ରହିଛି।

ଉନ୍ନତ ଅସ୍ତ୍ରଶସ୍ତ୍ର, ସେନସର ଏବଂ ପାଣିପାଗ ନିର୍ଣ୍ଣୟ କ୍ଷମତାରେ ସଜ୍ଜିତ ଏହି ହେଲିକପ୍ଟରଗୁଡ଼ିକ ଅତ୍ୟାଧୁନିକ ଇଞ୍ଜିନିୟରିଂ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଛି । ୨୦୧୫ ମସିହାରେ ଆମେରିକା ସରକାର ଏବଂ ବୋଇଂ ସହିତ ଚୁକ୍ତିନାମା ଅନୁଯାୟୀ ଭାରତୀୟ ବାୟୁସେନା ୨୨ଟି ଆପାଚି ହେଲିକପ୍ଟର କିଣିଥିଲା ।

## ଏଲ୍‌ଏସ୍-ସେନ୍‌ସସ୍

୨୦୨୭ ଜନଗଣନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ଜନଗଣନା ପ୍ରସ୍ତୁତି ନେଇ ଗତ ୩ ଏବଂ ୪ ତାରିଖରେ ନୂଆଦିଲ୍ଲୀ ଠାରେ ଦୁଇଦିନିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜନଗଣନା କାର୍ଯ୍ୟ ନିର୍ଦ୍ଦେଶକ, ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ରେଜିଷ୍ଟ୍ରାର ଜେନେରାଲ୍ ପ୍ରମୁଖ ଯୋଗଦେଇଥିଲେ । ଆଗାମୀ ଜନଗଣନା ଏବଂ ଏ ସମ୍ପର୍କିତ କାର୍ଯ୍ୟକାରିତା ନେଇ ରୋଡ୍ ମ୍ୟାପ୍ ଉପରେ ସମ୍ମିଳନୀରେ ବିସ୍ତୃତ ଆଲୋଚନା ହୋଇଛି । ପ୍ରଶାସନିକ ସଂସ୍ଥା ଗୁଡ଼ିକର କାର୍ଯ୍ୟଶୈଳୀକୁ ଚୂଡ଼ାନ୍ତ କରିବା, ମୋବାଇଲ୍ ଆପ୍ ମାଧମରେ

ତଥ୍ୟ ସଂଗ୍ରହ ଏବଂ ତଦାରଖ ବ୍ୟବସ୍ଥା ପୋର୍ଟାଲ୍ ମାଧ୍ୟମରେ ଜନଗଣନା କାର୍ଯ୍ୟର ପରିଚାଳନା ଆଦି ଉପରେ ଏହି ସମ୍ମିଳନୀରେ ତାଲିମ୍ ପ୍ରଦାନ କରାଯାଇଛି । ଗତ ମାସ ୧୬ ତାରିଖରେ ଜନଗଣନା ପାଇଁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

## ଗୌରବ ଦ୍ୱିବେଦୀ

ୱେବ୍ସ ପ୍ଲାଟ୍‌ଫର୍ମ କେବଳ ଉପଭୋକ୍ତାଙ୍କ ଦ୍ୱାରା ନୁହେଁ ବରଂ ଅନୁଷ୍ଠାନ, ପ୍ରବାସୀ ଭାରତୀୟ ଏବଂ ନୀତି ନିର୍ଦ୍ଧାରକଙ୍କ ଦ୍ୱାରା ପ୍ରସ୍ତୁତ ବିଷୟବସ୍ତୁ ଆଧାରରେ କାର୍ଯ୍ୟ କରିଥାଏ । କାମ୍ବୋଡ଼ିଆର ସିଏମ୍‌ରିପ୍ ଠାରେ ଅନୁଷ୍ଠିତ ବିଂଶତମ ଏସିଆ ମିଡିଆ ସମ୍ମିଳନୀରେ ୱେବ୍ସ ଓ.ଟି.ଟି. ପ୍ଲାଟ୍‌ଫର୍ମ ଉପରେ ମତ ଉପସ୍ଥାପନ କରି ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଏସିଆ ପ୍ୟାସିଫିକ୍ ବ୍ରଡ୍‌କାଷ୍ଟିଂ ଡେଭଲପ୍‌ମେଣ୍ଟ ଜେନେରାଲ୍ କନ୍‌ଫରେନ୍ସର ସଭାପତି ଗୌରବ ଦ୍ୱିବେଦୀ ଏହା କହିଛନ୍ତି । ୱେବ୍ସ ଓ.ଟି.ଟି.କୁ ସାର୍ବଜନୀନ ସେବା ମୂଲ୍ୟବୋଧ ଆଧାରିତ ଏକ ପ୍ଲାଟ୍‌ଫର୍ମ ବୋଲି ଶ୍ରୀ ଦ୍ୱିବେଦୀ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ସାର୍ବଜନୀନ ପ୍ରସାର ସେବା ପାଇଁ ସର୍ବୋତ୍ତମ ସମାଧାନ ହେଉଛି

ବ୍ୟକ୍ତିଗତ ପ୍ଲାଟ୍‌ଫର୍ମକୁ ବିକାଶ କରିବା ପରିବର୍ତ୍ତେ ମିଳିତ ଭାବେ କାମ କରିବା । ପ୍ରତ୍ୟେକ ଆବଶ୍ୟକତା ଏବଂ ଆହ୍ୱାନର ସମାଧାନ ଦିଗରେ ଏହା ବିଶେଷ ସହାୟକ ହୋଇପାରିବ । ଗ୍ରାମାଞ୍ଚଳ ଅଭିବ୍ୟକ୍ତିକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ଶ୍ରୀ ଦ୍ୱିବେଦୀ କହିଛନ୍ତି ।

## ବୋଲିଭିଆ ପ୍ରେଜ୍ ଇଣ୍ଡିଆ

ବୋଲିଭିଆର ରାଷ୍ଟ୍ରପତି ଲୁଇସ୍ ଆଲବୋଟୋ ଆର୍ସେ କାଟାକୋରା ଭାରତ ସରକାରଙ୍କୁ ୩ ଲକ୍ଷ ଡୋଜ୍ ମିଳିମିଳା ଏବଂ ରୁବେଲା ପ୍ରତିଷେଧକ ଟିକା ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି । ଏକ ବାର୍ତ୍ତାରେ ରାଷ୍ଟ୍ରପତି ଆର୍ସେ କହିଛନ୍ତି, ଦେଶରେ ସ୍ୱାସ୍ଥ୍ୟଜନିତ ସମସ୍ୟା ନେଇ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିବା ସମୟରେ ଭାରତର ଏହି ସମୟୋଚିତ ସମର୍ଥନ ବୋଲିଭିଆକୁ ସ୍ୱାସ୍ଥ୍ୟ ସମସ୍ୟା ମୁକାବିଲା ଦିଗରେ ସହଯୋଗ କରିଛି ।

ବୋଲିଭିଆରେ ୧ରୁ ୧୪ ବର୍ଷ ବୟସର ପିଲାମାନଙ୍କୁ ସାମୂହିକ ପ୍ରତିଷେଧକ ଅଭିଯାନ ପ୍ରକ୍ରିୟାକୁ ଏହା ତ୍ୱରାନ୍ୱିତ କରିବ ଏବଂ ମିଳିମିଳା

ଏବଂ ରୁବେଲା ଭଳି ରୋଗରୁ ସୁରକ୍ଷା ପ୍ରଦାନ କରିବ । ବୋଲିଭିଆର ବିଭିନ୍ନ ସ୍ଥାନରେ ମିଳିମିଳା ବ୍ୟାପକ କାରଣରୁ ଗତ ଜୁନ୍ ୨୩ ତାରିଖରେ ଜାତୀୟ ସ୍ୱାସ୍ଥ୍ୟ ଜରୁରୀକାଳୀନ ସତର୍କତା ଜାରି କରାଯାଇଥିଲା । ଭାରତ ସରକାରଙ୍କ ପକ୍ଷରୁ  ଏ ଘଡ଼ିସନ୍ଧି ମୁହୂର୍ତ୍ତରେ ବୋଲିଭିଆକୁ ପ୍ରତିଷେଧକ ଟିକା ପ୍ରଦାନ କରାଯାଇଥିଲା ।

## କ୍ରିକେଟ୍

ଭାରତ ଏବଂ ଇଂଲଣ୍ଡ ମହିଳା ଚଳିତ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଇଂଲଣ୍ଡର ଚେଷ୍ଟର୍ ଲି ଷ୍ଟ୍ରିଟ୍ ଠାରେ ଖେଳାଯାଉଛି । ଟସ୍ ଜିତି ଭାରତ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୨୪ ଓଭରରେ ୨ ଓ୍ୱିକେଟ୍ ବିନିମୟରେ ୧୦୮ରନ୍ ସଂଗ୍ରହ କରିଛି । ଏହି ସିରିଜ୍‌ରେ ଏ ପର୍ଯ୍ୟନ୍ତ ଖେଳାଯାଇଥିବା ଦୁଇଟି ଯାକ ମ୍ୟାଚ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ତରରେ ରହିଛନ୍ତି ।